**REGIONAL NEWS UNIT, AIR CUTTACK**

**Evening Bulletin (6.45 PM)**

**29 November - 2024**

**News Editor *: Itishree Singh Rathaur***

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ମହିଳାଙ୍କ ବିକାଶକୁ ଦୃଷ୍ଟିରେ ରଖି ସୁଭଦ୍ରା ଯୋଜନା ପ୍ରଣୟଣ କରାଯାଇଛି- କହିଲେ ପ୍ରଧାନମନ୍ତ୍ରୀ ।

- ଭୁବନେଶ୍ୱରଠାରେ ୫୯ତମ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀ ଆନୁଷ୍ଠାନିକ ଭାବେ ଆଜିଠାରୁ ଆରମ୍ଭ ।

  - ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଏବଂ ରବିବାର ଦିନ ସମ୍ମିଳନୀରେ ଭାଗନେବେ ।

- ରାଜ୍ୟରେ ଆଳୁର ଆତ୍ମନିର୍ଭରତାକୁ ସୁନିଶ୍ଚିତ କରିବା ପାଇଁ ଚଳିତବର୍ଷ ୧୫ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଆଳୁ ଚାଷ କରାଯାଉଛି ।

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ କୋହଲା ପାଗ ସହିତ କେତେକ ଅଞ୍ଚଳରେ ଲାଗିରହିଛି ସାମାନ୍ୟ ବର୍ଷା ।

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ରାଜ୍ୟରେ ମହିଳାଙ୍କ ବିକାଶକୁ ଦୃଷ୍ଟିରେ ରଖି ସୁଭଦ୍ରା ଯୋଜନାର ଆରମ୍ଭ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ପୋଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଯୋଗଦେବା ଲାଗି ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବା ପରେ ବିମାନ ବନ୍ଦର ନିକଟରେ ଏକ ଜନସଭାକୁ ସମ୍ବୋଧିତ କରିଛନ୍ତି । ସମ୍ବୋଧନର ପ୍ରାରମ୍ଭରେ ଜୟ ଜଗନ୍ନାଥ କହି ପ୍ରଧାନମନ୍ତ୍ରୀ ତାଙ୍କର ଅଭିଭାଷଣ ଆରମ୍ଭ କରିଥିଲେ । ଏନ୍‌ଡିଏ ସରକାର ଅମଳରେ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହୋଇଛି ଏବଂ ଆଗାମୀ ଦିନରେ ଓଡ଼ିଶା ବିଶ୍ୱସ୍ତରରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କ୍ରୀଡ଼ାକ୍ଷେତ୍ରରୁ ଆରମ୍ଭ କରି ଶିକ୍ଷା ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଓଡ଼ିଶାର ବିକାଶ ଶିଖର ଛୁଇଁଛି । ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀ, ନୌସେନା ଦିବସ ଓ ପ୍ରବାସୀ ଭାରତୀୟ ଦିବସ ଭଳି ବିଶ୍ୱସ୍ତରର କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଥିବାରୁ ପୃଥିବୀର କୋଣ ଅନୁକୋଣରୁ ଲୋକମାନେ ଓଡ଼ିଶା ଆସିବେ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଉତ୍କର୍ଷ ଉତ୍କଳ ଅଭିଯାନ ପାଇଁ ଭାରତୀୟ ଜନତା ପାର୍ଟି କାର୍ଯ୍ୟ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣ ଶେଷ କରି ରାଜଭବନ ଯାଇଥିଲେ । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ବିଜେପି ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଲିସ ସମ୍ମିଳନୀ

୫୯ତମ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି। ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ବିଭିନ୍ନ ରାଜ୍ୟର ପୋଲିସ ଅଧିକାରୀ, ପୋଲିସ ସଂସ୍ଥାମାନଙ୍କ ମୁଖ୍ୟ ଏବଂ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏହି ସମ୍ମିଳନୀରେ ଆସନ୍ତାକାଲି ଏବଂ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପସ୍ଥିତ ରହିବେ। ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗଗୁଡ଼ିକ ଉପରେ ବରିଷ୍ଠ ସୁରକ୍ଷା ଅଧିକାରୀମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଆଲୋଚନା କରିବେ।

ଆଭ୍ୟନ୍ତରୀଣ ନିରାପତ୍ତା, ନୂଆ ଅପରାଧ ଆଇନ, ସାମୁଦ୍ରିକ ନିରାପତ୍ତା, ସାଇବର ଅପରାଧ, ମାଓ ଦମନ, କୃତ୍ରିମ ବୁଦ୍ଧିମତା ଏବଂ ସନ୍ତ୍ରାସବାଦକୁ ପ୍ରତିହତ କରିବା ନେଇ ସମ୍ମିଳନୀରେ ଆଲୋଚନା ହେବ। ରାଷ୍ଟ୍ରପତି ପୁଲିସ ପଦକ ପାଇଥିବା ଅଧିକାରୀମାନଙ୍କୁ ସମ୍ମିଳନୀରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।

## ସ୍ୱତନ୍ତ୍ର ସହାୟତା

ରାଜ୍ୟକୁ ସ୍ୱତନ୍ତ୍ର ସହାୟତା-ଏସ୍.ଏ.ଏସ୍.ସି.ଆଇ. ଯୋଜନା ଅଧିନରେ ୨୩ଟି ରାଜ୍ୟର ୪୦ଟି ପ୍ରକଳ୍ପକୁ କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି। ମଞ୍ଜୁରି ମିଳିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ହୀରାକୁଦ ଓ ସାତକୋଶିଆ ପ୍ରକଳ୍ପ ଅନ୍ତର୍ଭୁକ୍ତ। ଉଭୟ ପ୍ରକଳ୍ପ ପାଇଁ ପ୍ରାୟ ୧୦୦ କୋଟି ଟଙ୍କା ଲେଖାଏଁ ମଞ୍ଜୁରି ମିଳିଛି। କେନ୍ଦ୍ର ସରକାର ମଞ୍ଜୁରୀ କରିଥିବା ଅର୍ଥ ଏହି ଦୁଇ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମିର ବିକାଶ ପାଇଁ ଖର୍ଚ୍ଚ କରାଯିବ। କେନ୍ଦ୍ର ସରକାର ଓଡ଼ିଶାର ଏହି ଦୁଇ ପର୍ଯ୍ୟଟନସ୍ଥଳୀକୁ ଆର୍ଥିକ ସହାୟତା ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମାଓବାଦୀ ଗିରଫ

ମାଲକାନଗିରି ଜିଲ୍ଲା ଏମ୍‌ଭି-୭୯ ଥାନା ଅନ୍ତର୍ଗତ କୃତି ଜଙ୍ଗଲରୁ ଜଣେ ମହିଳା ମାଓବାଦୀକୁ ଗିରଫ କରାଯାଇଛି । ଗିରଫ ମାଓବାଦୀର ନାମ ଅନ୍ତି ମାଡବି ଓରଫ ଲାକେ । ଗିରଫ ମାଓବାଦୀଙ୍କ ନାମରେ ୨ଲକ୍ଷ

ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତିର ଖବର ପାଇ ପୁଲିସ ପକ୍ଷରୁ ସଂପୃକ୍ତ ଅଞ୍ଚଳରେ କୁମ୍ବିଂ ଅପରେସନ ବେଳେ ମାଓବାଦୀ ଜଣକ ଧରାପଡିଥିଲା । ମାଓବାଦୀ ଜଣକ ଛତିଶଗଡ ଓ ଆନ୍ଧ୍ରପ୍ରଦେଶରେ ୭ଟି ଗୁଳିବିନିମୟ ଘଟଣା ସମେତ ମୋଟ୍ ୯ଟି ଘଟଣାରେ ସଂପୃକ୍ତ ଥିବା ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର ସୂଚନା ଦେଇଛନ୍ତି ।

## ଆଳୁ ମିଶନ

ଭୁବନେଶ୍ୱର କୃଷି ଭବନର କୃଷି ସମୀକ୍ଷା କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟରେ ଆଳୁ ବିହନ ଯୋଗାଣ ନେଇ ସମୀକ୍ଷା କରିଛନ୍ତି । ଆଳୁ ଚାଷ ସମ୍ପର୍କିତ ଆଲୋଚନା  ବୈଠକରେ ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଆଳୁ ଚାଷରେ ରାଜ୍ୟକୁ ଆତ୍ମନିର୍ଭର କରିବା ପାଇଁ ସରକାର ଅକ୍ଟୋବର-ନଭେମ୍ବର ମାସରୁ ହିଁ ବିହନ ଯୋଗାଇ ଦେଇଛନ୍ତି । ରାଜ୍ୟରେ ପ୍ରଥମଥର ଲାଗି ୧୫ହଜାର ୨୩ ହେକ୍ଟରରେ ଆଳୁ ଚାଷ କରାଯାଉଛି । ବର୍ତ୍ତମାନ ସୁଦ୍ଧା ୧ଲକ୍ଷ ୨ହଜାର ୯୬୪ କ୍ୱିଣ୍ଟାଲ ଉନ୍ନତ ପ୍ରାମାଣିକ ଆଳୁ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି ଏବଂ ୫ହଜାର ୬୪୯ ହେକ୍ଟର ଜମିରେ ଆଳୁ ବିହନ ଲାଗି ସାରିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ସୁଭଦ୍ରା ଯୋଜନା

ଚଳିତ ମାସ ସୁଦ୍ଧା ଯେଉଁ ମହିଳାମାନଙ୍କର ବୟସ ୨୧ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ, ସେମାନେ ସୁଭଦ୍ରା ଯୋଜନାରେ ଆର୍ଥିକ ସାହାଯ୍ୟ ପାଇଁ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଆସନ୍ତା ୧୫ ଦିନ ମଧ୍ୟରେ ସୁଭଦ୍ରା ଯୋଜନାପାଇଁ ଆବେଦନ ଖାରଜର ଯାଞ୍ଚ୍ ଶେଷ ହେବ । ମାଲକାନଗିରି, ଗଜପତି ଓ କୋରାପୁଟ ଜିଲ୍ଲାରେ ଅଧିକ ଆବେଦନ ଖାରଜ ହୋଇଥିବାରୁ ସରକାରଙ୍କ ପକ୍ଷରୁ ଓଡ଼ିଶାରେ ଆବଦନଗୁଡ଼ିକ ଯାଞ୍ଚ୍ କରାଯାଇଛି । ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ୧ କୋଟି ୬ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ଆର୍ଥିକ ସାହାଯ୍ୟ ପାଇବାପାଇଁ ଆବେଦନ କରିଛନ୍ତି । ସେଗୁଡ଼ିକ ମଧ୍ୟରୁ ୨ ଲକ୍ଷ ୬୪ ହଜାର ଆବେଦନ ଖାରଜ ହୋଇଥିବା ଜଣାପଡ଼ିଛି ।

## ନୌସେନା ଦିବସ

ପୁରୀ ବେଳାଭୂମିରେ ପ୍ରଥମ ଥର ପାଇଁ ଆସନ୍ତା ଡିସେମ୍ବର ୪ ତାରିଖରେ ଭାରତୀୟ ନୌସେନା ଦିବସ ପାଳନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ନୌସେନା ଦିବସ ପାଳନ ପୂର୍ବରୁ ପୁରୀ ବେଳାଭୂମିରେ ନୌସେନାର ସମରାଭ୍ୟାସ ଚାଲିଛି। ନୌସେନାର ୨୫ରୁ ଊର୍ଦ୍ଧ୍ୱ ଯୁଦ୍ଧଜାହାଜ ଏବଂ ହେଲିକପ୍ଟର ସମରାଭ୍ୟାସରେ ସାମିଲ କରାଯାଇଛି। ଚିଲିକାସ୍ଥିତ

ଭାରତୀୟ ନୌସେନାବାହିନୀର କମାଣ୍ଡର ରୋଲେକ୍ସ ଦାସ ଆକାଶବାଣୀକୁ ସୂଚନା ଦେଇ କହିଛନ୍ତି...

## - V/O -

ନୌସେନା ପକ୍ଷରୁ ୨୦ ପ୍ରକାରର ଯୁଦ୍ଧକୌଶଳ ପ୍ରଦର୍ଶନ କରାଯିବ। ନୌସେନା ଯୋଦ୍ଧାମାନେ ଆକାଶରେ ମିଗ୍-୨୯ ଯୁଦ୍ଧବିମାନର କୌଶଳ ପ୍ରଦର୍ଶନ କରିବେ। ଏଥିସହ ନୌସେନାର ସ୍ୱତନ୍ତ୍ର ମାର୍କୋସ କମାଣ୍ଡୋ ବେଳାଭୂମିରେ ଅପରେସନ୍ କରିବେ। ନୌସେନାର ସମରାଭ୍ୟାସକୁ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି। ସୁରକ୍ଷା ଦୃଷ୍ଟିରୁ ପୁରୀ ବଡଦାଣ୍ଡ ସମେତ ସହରର ଅନ୍ୟ କେତେକ ସ୍ଥାନରେ ଆସନ୍ତା ରବିବାର ଠାରୁ ଗୁରୁବାର ପର୍ଯ୍ୟନ୍ତ କଟକଣା ଲାଗୁ କରାଯିବ।

## ଓଡ଼ିଶା କଳା ଓ ସାହିତ୍ୟ ମହୋତ୍ସବ

ଭୁବନେଶ୍ୱରରେ ନବମ ଓଡ଼ିଶା କଳା ଓ ସାହିତ୍ୟ ମହୋତ୍ସବ ଆରମ୍ଭ ହୋଇଛି । ୪ଦିନ ବ୍ୟାପୀ ଆୟୋଜିତ ହେବାକୁଥିବା ଏହି ମହୋତ୍ସବର ପ୍ରଥମ ୩ଦିନ ଦେଶ ବିଦେଶରୁ ଆସିଥିବା ସାହିତ୍ୟିକମାନେ କବିତା, ଉପନ୍ୟାସ, ନାଟକ, ଅନୁବାଦ ଓ ଅନ୍ୟାନ୍ୟ ସୃଜନାତ୍ମକ କଳା ଉପରେ ଆଲୋଚନା କରିବେ । ଚତୁର୍ଥ ଦିବସରେ କୋଣାର୍କ ବେଳାଭୂମିରେ କବିତା ପାଠୋତ୍ସବ 'କବିତା ଜନ୍ତାଳ' ସହ ଏହି ଉତ୍ସବ ଉଦ୍‌ଯାପିତ

ହେବ । ଚଳିତବର୍ଷ ଏହି ଉତ୍ସବରେ ୬ଟି ଦେଶରୁ ସାହିତ୍ୟିକ ଓ ସମାଲୋଚକମାନେ ଯୋଗ ଦେଇଛନ୍ତି ।

## ଯୁକ୍ତ ଦୁଇ - ଫର୍ମ ପୂରଣ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ଦୁଇ ପାଠ୍ୟକ୍ରମ ପରୀକ୍ଷାର ଫର୍ମ ପୂରଣ ଅବଧି ପୁଣି ଥରେ ବୃଦ୍ଧି କରାଯାଇଛି। ଆଜି ଓ ଆସନ୍ତାକାଲି ଆବେଦନକାରୀ ପରୀକ୍ଷାର୍ଥୀମାନେ ୬୦୦ ଟଙ୍କା ଜୋରିମାନା ଦାଖଲ କରି ଫର୍ମ ପୂରଣ କରିପାରିବେ। ଆସନ୍ତା ମାସ ୨ ତାରିଖ ମଧ୍ୟରେ ଦେୟ ଦାଖଲ କରିବାର ଶେଷ ଦିନ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ସୁଦ୍ଧା ୩ ଲକ୍ଷ ୯୨ ହଜାର ୮୬୭ ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପାଠ୍ୟକ୍ରମ ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି।

## ବୈଠକ

କନ୍ଧମାଳ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଏବଂ ୨ଜଣ ସଭ୍ୟ ଦୟାନିଧି ଦାସ ଓ ଅକ୍ଷୟ କୁମାର ବେହେରା ଖାଦ୍ୟ ସୁରକ୍ଷା ସହିତ ଜଡିତ ଥିବା ବିଭାଗ ଗୁଡ଼ିକର ସମୀକ୍ଷା ବୈଠକ କରିଥିଲେ । ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଉପସ୍ଥିତ ଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଖାଉଟୀ ସାମଗ୍ରୀ ବଣ୍ଟନ କେନ୍ଦ୍ର, ମଧ୍ୟାହ୍ନ ଭୋଜନ ବଣ୍ଟନ କେନ୍ଦ୍ର ଏବଂ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରାବାସ ଗୁଡ଼ିକ ବୁଲି ଦେଖିଥିଲେ ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପାଗ କୋହଲା ରହିବା ସହିତ କେତେକ ସ୍ଥାନରେ ସାମାନ୍ୟ ବର୍ଷା ହେଉଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ମାଲକାନଗିରି, ଢେଙ୍କାନାଳ, କନ୍ଧମାଳ, ବୌଦ୍ଧ, ରାୟଗଡା ଏବଂ କୋରାପୁଟ ସମେତ ସମୁଦ୍ରତଟ ଜିଲ୍ଲା ଗୁଡ଼ିକରେ ଆସନ୍ତା କାଲି ସକାଳ ପର୍ଯ୍ୟନ୍ତ ସାମାନ୍ୟ ବର୍ଷା ଲାଗିରହିବ ।